# NATIONAL NEWS BULLETIN (ODIA)

## 30 December - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଇସ୍ରୋ ଆଜି ରାତି ୧୦ଟା ୧୫ ସେକେଣ୍ଡରେ ଉତ୍କ୍ଷେପଣ କରିବ ଦୁଇଟି ଉପଗ୍ରହ ।
- ଷଷ୍ଠ ପ୍ରାକ୍ ବଜେଟ୍ ଆଲୋଚନାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରର ବିଶେଷଜ୍ଞଙ୍କ ସହ ଆଲୋଚନା କଲେ ଅର୍ଥମନ୍ତ୍ରୀ ।
- ବିନିର୍ମାଣ କ୍ଷେତ୍ରରେ ବିକାଶ ଯୋଗୁଁ ୨୩୯ ପ୍ରତିଶତ ରପ୍ତାନୀ ବୃଦ୍ଧି ସୂଚନା ।
- ଇଥିଓପିଆରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୭୧ ମୃତ ।

ଏବଂ

- ହକି ଇଣ୍ଡିଆ ଲିଗ୍‌ରେ ଆଜି ମୁହାଁମୁହିଁ ହେବେ ୟୁପି ରୁଦ୍ରସ୍ ଏବଂ ବେଦାନ୍ତ କଳିଙ୍ଗ ଲ୍ୟାନ୍ସର୍ସ୍ ।

# ଇସ୍ରୋ-ସ୍ପାଡେକ୍ସ

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ-ଇସ୍ରୋ ଆଜି ରାତିରେ ଶ୍ରୀହରିକୋଟାରୁ ୨ଟି ଉପଗ୍ରହ ଉତ୍କ୍ଷେପଣ କରିବ । ଇସ୍ରୋର ଟ୍ୱିଟର୍ ହ୍ୟାଣ୍ଡେଲ୍‌ରୁ ମିଳିଥିବା ସୂଚନା ମୁତାବକ ଭାରତୀୟ ସମୟ ।ତି ୧୦ଟା ୧୫ ସେକେଣ୍ଡରେ ଏହି ୨ଟି ଉପଗ୍ରହ ଉତ୍କ୍ଷେପଣ କରାଯିବ । ମହାକାଶ କେନ୍ଦ୍ର ସ୍ଥାପନ ପୂର୍ବରୁ କକ୍ଷପଥରେ ଦୁଇଟି ଉପଗ୍ରହକୁ ଯୋଡ଼ିବା ଏବଂ ପୃଥକ କରିବା ବ୍ୟବସ୍ଥା ପରୀକ୍ଷା କରିବା ନିମନ୍ତେ ଏହି ଉତ୍କ୍ଷେପଣ କରାଯିବ । ଏହାକୁ ଡକିଂ ଏବଂ ଅନ୍‌ଡକିଂ କୁହାଯାଏ । ଏଥିରେ ସଫଳତା ହାସଲ କଲେ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ରର ମାନ୍ୟତା ପାଇବ ।

ପିଏସ୍‌ଏଲ୍‌ଭି ଲଞ୍ଚ୍‌ପ୍ୟାଡରୁ **SDX 01** ଏବଂ **SDX 02** ଉପଗ୍ରହ ଦୁଇଟିକୁ ଉତ୍କ୍ଷେପଣ କରାଯାଇ ମହାକାଶରେ ୫୫ ଡିଗ୍ରୀ ଅନୁକୋଣରେ ୪୭୦ କିଲୋମିଟର ଗୋଲାକାର କକ୍ଷପଥରେ ସ୍ଥାପନ କରାଯିବ । ଏହା ସେଠାରେ ୬୬ ଦିନ ପର୍ଯ୍ୟନ୍ତ ରହିବ । ଉଭୟ ଉପଗ୍ରହ ଗୋଟିଏ କକ୍ଷରେ ୧୦ରୁ ୨୦ କିଲୋମିଟର ଦୂରତାରେ ରହି ପରିକ୍ରମା କରିବେ । ଜାନୁଆରୀ ମାସ ପ୍ରଥମ ସପ୍ତାହରେ ଏହି ଦୁଇଟି ଉପଗ୍ରହ ମାଧ୍ୟମରେ ଡକିଂ ପରୀକ୍ଷା କରାଯିବ । ଭବିଷ୍ୟତରେ ଏହି ମିଶନ ଚନ୍ଦ୍ରପୃଷ୍ଠରୁ ପଥର ଏବଂ ମାଟି ଆଣିବା, ପ୍ରସ୍ତାବିତ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ସ୍ଥାପନ ଏବଂ

ଚନ୍ଦ୍ରପୃଷ୍ଠରେ ମହାକାଶଚାରୀଙ୍କୁ ଅବତରଣ କରିବା ଆଦି କ୍ଷେତ୍ରରେ ବିଶେଷ ସହାୟକ ହେବ । ଆମେରିକା, ରୁଷ ଏବଂ ଚୀନ୍ ଏହି ଡକିଂ ଟେକ୍ନୋଲୋଜିରେ ପାରଦର୍ଶିତା ହାସଲ କରିସାରିଛନ୍ତି । ଇସ୍ରୋ ପକ୍ଷରୁ କୁହାଯାଇଛି ଏହି  ପେ-ଲୋଡ୍ ଉଚ୍ଚ ରିଜୋଲ୍ୟୁସନ୍ ଫଟୋ, ପ୍ରାକୃତିକ ସମ୍ବଳ ନିରୀକ୍ଷଣ, ଉଦ୍‌ଭିଦ ଅଧ୍ୟୟନ ଏବଂ କକ୍ଷପଥରେ ବିକିରଣ ପରିବେଶ ମାପ ନେଇ ତଥ୍ୟ ପ୍ରଦାନ କରିବ ।

ଇସ୍ରୋ ପକ୍ଷରୁ ଉତ୍‌କ୍ଷେପଣ ସମୟର ସିଧାପ୍ରସାରଣ କରାଯିବ । ଉଭୟ ଇସ୍ରୋର ଅଫିସିଆଲ୍ ୱେବ୍‌ସାଇଟ୍ ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ରାତି ୯ଟା ୩୦ ମିନିଟ୍‌ରୁ ପ୍ରସାରଣ ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

## ସୀତାରମଣ-ପି ବଜେଟ୍

କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଷଷ୍ଠ ପ୍ରାକ୍ ବଜେଟ୍ ଆଲୋଚନାରେ ଅଧ୍ୟକ୍ଷତା କରି ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ବିଶେଷଜ୍ଞ ଓ ପ୍ରତିନିଧିମାନଙ୍କ ସହ ବାର୍ତ୍ତାଳାପ କରିଛନ୍ତି । ୨୦୨୫-୨୬ କେନ୍ଦ୍ରୀୟ ବଜେଟ୍ ନିମନ୍ତେ ଅର୍ଥମନ୍ତ୍ରୀ ବିଭିନ୍ନ ବିଭାଗର ବିଶେଷଜ୍ଞମାନଙ୍କ ସହ ପ୍ରାକ୍ ବଜେଟ୍ ଆଲୋଚନା କରୁଛନ୍ତି । ଅନୁଷ୍ଠିତ ବୈଠକରେ ଅର୍ଥ ମନ୍ତ୍ରଣାଳୟର ସଚିବ, ଅର୍ଥନୈତିକ ବ୍ୟାପାର ବିଭାଗର ସଚିବ, ମୁଖ୍ୟ

ଅର୍ଥନୈତିକ ପରାମର୍ଶଦାତା ଏବଂ ସ୍ୱାସ୍ଥ୍ୟ ଓ ବିଦ୍ୟାଳୟ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ଆଜି ସକାଳେ ଶ୍ରୀମତୀ ସୀତାରମଣ ପ୍ରାକ୍ ବଜେଟ୍ ଆଲୋଚନାରେ ଶିଳ୍ପ ଜଗତର ପ୍ରତିନିଧିମାନଙ୍କ ସହ ବାର୍ତ୍ତାଳାପ କରିଥିବା ଜଣାପଡ଼ିଛି । ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଆସନ୍ତା ବର୍ଷ ଫେବୃୟାରୀ ୧ ତାରିଖରେ ବଜେଟ୍ ଉପସ୍ଥାପନ ହେବାର ସମ୍ଭାବନା ରହିଛି । ଶ୍ରୀମତୀ ସୀତାରମଣ ଅଷ୍ଟମଥର ପାଇଁ ବଜେଟ୍ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି ।

## ପିଏମ୍-ଜିମ୍ମି କାଟର୍

ଆମେରିକା ପୂର୍ବତନ ରାଷ୍ଟ୍ରପତି ଜିମ୍ମି କାଟରଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଶ୍ରୀ କାଟର ଜଣେ ଦୂରଦୃଷ୍ଟି ସମ୍ପନ୍ନ ରାଷ୍ଟ୍ରନେତା ଥିଲେ । ବିଶ୍ୱ ଶାନ୍ତି ଏବଂ ଏକତ୍ରିକରଣ ପାଇଁ ସେ ଅନେକ ଗୁଡ଼ିଏ କାର୍ଯ୍ୟ କରିଥିବା ଶ୍ରୀ ମୋଦୀ କହିଛନ୍ତି । ଭାରତ-ଆମେରିକା ସମ୍ପର୍କରେ ବିକାଶ ନିମନ୍ତେ ସ୍ୱର୍ଗତ କାଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

## ଏନ୍‌ସିସି କ୍ୟାମ୍ପ୍

ନୂଆଦିଲ୍ଲୀର କାରିୟାପ୍ପା ପ୍ୟାରେଡ୍ ଗ୍ରାଉଣ୍ଡରେ ଆଜି ସର୍ବଧର୍ମ ପୂଜା ସହିତ ଏନ୍.ସି.ସି. ରିପବ୍ଲିକ୍ ଡେ କ୍ୟାମ୍ପ୍ ଆରମ୍ଭ ହୋଇଛି । ଏଥିରେ ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ର ଶାସିତ ଅଞ୍ଚଳର ୨ହଜାର ୩୬୧ ଜଣ କ୍ୟାଡେଟ୍ ଭାଗ ନେଇଛନ୍ତି । ଏହି କ୍ୟାମ୍ପ୍ ଏକ ମାସ ପର୍ଯ୍ୟନ୍ତ ଚାଲିବ । କ୍ୟାଡେଟ୍‌ମାନଙ୍କ ମଧ୍ୟରେ ଚଳିତ ଥର ସର୍ବାଧିକ ୯୧୭ ଜଣ ବାଳିକା ରହିଛନ୍ତି । ଜାମ୍ମୁ କାଶ୍ମୀରରୁ ୧୧୪ ଜଣ କ୍ୟାଡେଟ୍ ସାମିଲ ହୋଇଥିବା ବେଳେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକରୁ ୧୭୮ ଜଣ ବାଳିକା କ୍ୟାଡେଟ୍ ରହିଛନ୍ତି । କ୍ୟାମ୍ପ୍‌ରେ ଭାରତର ୧୪ଟି ବନ୍ଧୁ ଦେଶରୁ ମଧ୍ୟ କ୍ୟାଡେଟ୍ ଓ ଅଧିକାରୀମାନେ ଯୋଗ ଦେଇଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟା ରେ **ବିପର୍ଯ୍ୟୟ ମୁକାବିଲାର ପ୍ରଭାବୀ ପ୍ରସ୍ତୁତି** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ବିପର୍ଯ୍ୟୟ ପରିଚାଳନା ଆୟୋଗର ପୂର୍ବତନ ସଦସ୍ୟ ଲେଫ୍‌ଟନାଣ୍ଟ ଜେନେରାଲ୍ ସୟେଦ ଅତା ହସ୍ନାଏନ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମରେ ଶ୍ରୋତାମାନେ ବିପର୍ଯ୍ୟୟ ସମୟରେ କିଭଳି ପ୍ରସ୍ତୁତ

ରହିବେ, ସେ ସଂପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ରାତି ୯ଟା ୩୦ ମିନିଟ୍ ପରେ ଡାଏଲ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ମୋଦୀ–ମାନୁଫ୍ୟାକ୍‌ଚରିଂ ସେକ୍ଟର

ଭାରତର ବିନିର୍ମାଣ କ୍ଷେତ୍ରରେ ଚଳିତ ବର୍ଷ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ବିଭିନ୍ନ ପଦକ୍ଷେପ ଯୋଗୁଁ ବିନିର୍ମାଣ କ୍ଷେତ୍ରରେ ବିକାଶ ଘଟିବା ସହିତ ବିଶ୍ୱସ୍ତରରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଦୂରଦୃଷ୍ଟି ସମ୍ପନ୍ନ ଅର୍ଥନୈତିକ, ସାମାଜିକ ଓ ବିଦେଶ ନୀତିରେ ଗତ ୧୦ ବର୍ଷ ମଧ୍ୟରେ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ଭାରତକୁ ବିଶ୍ୱ ଶକ୍ତିରେ ରୂପାନ୍ତରିତ କରିଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ୧୦ ବର୍ଷ ମଧ୍ୟରେ ଭାରତ ବିଶ୍ୱ ବିନିର୍ମାଣ ହବ୍ ପାଲଟିଛି ।

ଗତ ଦଶନ୍ଧିରେ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଦେଶର ବିନିର୍ମାଣ ଉଦ୍ୟୋଗକୁ ସମ୍ପୂର୍ଣ୍ଣ ରୂପ ପ୍ରଦାନ କରିଛି । ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନାରେ ୧୪ଟି କ୍ଷେତ୍ରରେ ୧ ଲକ୍ଷ ୨୮ ହଜାର କୋଟି

ଟଙ୍କାର ପୁଞ୍ଜି ବିନିଯୋଗ କରାଯାଇ ୮ ଲକ୍ଷ ୫୦ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି । ଅନ୍ୟ ପକ୍ଷରେ ବିନିର୍ମାଣ କ୍ଷେତ୍ରରେ ପଦକ୍ଷେପ ଯୋଗୁଁ ଇଲେକ୍ଟ୍ରୋନିକ୍ସ, ଷ୍ଟିଲ୍, ଔଷଧୀୟ କ୍ଷେତ୍ର ଏବଂ ପ୍ରତିରକ୍ଷା ନିର୍ମାଣ କ୍ଷେତ୍ରରେ ରପ୍ତାନୀ ୨୩୯ ପ୍ରତିଶତ ବୃଦ୍ଧି ପାଇଛି । ସେହି ସମୟ ମଧ୍ୟରେ ଦେଶରେ ମୋବାଇଲ୍ ଉତ୍ପାଦନ ୬୦୦ ପ୍ରତିଶତ ବୃଦ୍ଧି ପାଇଥିବା ଆକଳନ କରାଯାଇଛି । ଏହା ବ୍ୟତୀତ ଦେଶରେ ସୌର ପ୍ୟାନେଲ୍ ଏବଂ ପବନ ଚାଳିତ ଟର୍ବାଇନ୍ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଛି । ଭାରତର ପାରମ୍ପରିକ ଶକ୍ତି କ୍ଷେତ୍ରର ବିକାଶ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

# ଗୁଜରାଟ-ଅମିତ ଶାହା ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦୁଇ ଦିନିଆ ଗୁଜରାଟ ଗସ୍ତରେ ଯାଇଛନ୍ତି । ଏହି ଗସ୍ତ କାଳରେ ସେ ଭଲସାଦ ଜିଲ୍ଲା ଧରମପୁର ଠାରେ ଅନୁଷ୍ଠିତ ଶ୍ରୀମଦ୍ ରାଜଚନ୍ଦ୍ର ମିଶନ୍‌ର ମହାମସ୍ତକ ଅଭିଶେକ ଉତ୍ସବରେ ଯୋଗ ଦେଇଥିଲେ । ଆଜି ଅପରାହ୍ଣରେ ଅହମ୍ମଦାବାଦରେ ପହଞ୍ଚିବା ପରେ ଏହି ବାର୍ଷିକ ଉତ୍ସବରେ ସେ ଯୋଗ ଦେଇଥିଲେ । ଏଥିରେ ଗୁଜରାଟର ଅର୍ଥ ଏବଂ ଶକ୍ତି ମନ୍ତ୍ରୀ କାହ୍ନୁ ଭାଇ ଦେଶାଇ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ହର୍ଷ ସାଙ୍ଗଭି ଉପସ୍ଥିତ ଥିଲେ ।

# ମଷ୍ଟ ଆନାଉନ୍ସମେଣ୍ଟ-୨

ଆକାଶବାଣୀ ସମ୍ବାଦସେବା ବିଭାଗ ପକ୍ଷରୁ ବର୍ଷଶେଷ ଅବସରରେ ଆସନ୍ତାକାଲି '୨୦୨୪: ସେହିବର୍ଷ ଥିଲା, ସ୍ମୃତି ରହିଯାଇଛି' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରଣ କରାଯିବ । ଇଂରାଜୀରେ ପ୍ରସ୍ତୁତ ୩୦ ମିନିଟ୍ ଅବଧିର ଏହି କାର୍ଯ୍ୟକ୍ରମ ୧୦୦ ଦଶମିକ ୧ ଏଫ୍ଏମ୍ ଗୋଲ୍ଡ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସିରେ ରାତି ୮ଟାରୁ ପ୍ରସାରଣ କରାଯିବ । ଆକାଶବାଣୀ ସମ୍ବାଦର ୱେବ୍‌ସାଇଟ୍ newsonair.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ ଆକାଶବାଣୀ AIR ଏବଂ News on AIR ରେ ପ୍ରସାରଣ କରାଯିବ ।

# ଇଥିଓପିଆ ଆକ୍ସିଡେଣ୍ଟ

ଇଥିଓପିଆରେ ଏକ ଯାତ୍ରୀବାହି ଟ୍ରକ୍ ନଦୀ ମଧ୍ୟକୁ ଖସି ପଡ଼ିବାରୁ ୭୧ ଜଣଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ରହିଛନ୍ତି । ଗତକାଲି ସିଦାମା ଷ୍ଟେଟ୍ ଅଞ୍ଚଳରେ ଦକ୍ଷିଣ ଇଥିଓପିଆର ଆଡିସ୍ଆବା ଠାରୁ ୩୦୦ କିଲୋମିଟର ଦୂରରେ ଏହି ଦୁର୍ଘଟଣା ଘଟିଥିଲା । ଗୋଟିଏ ଟ୍ରକ୍‌ରେ ଲୋକମାନେ ଯାଉଥିବା ବେଳେ ଏହା ପୋଲରୁ ନଦୀ ମଧ୍ୟକୁ ଖସିପଡ଼ିଥିଲା । ସେଠାକାର ଗଣମାଧ୍ୟମ

ସୂଚନା ଅନୁଯାୟୀ ଏକ ବାହାଘରରେ ଯୋଗଦେବାକୁ ସମ୍ପୃକ୍ତ ଲୋକମାନେ ଯାଉଥିଲେ ।

## ପଞ୍ଜାବ ବନ୍ଦ

ପଞ୍ଜାବରେ ଆଜି କୃଷକଙ୍କ ଦିନିକିଆ ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ରହିଥିଲା । ବନ୍ଦ ପ୍ରଭାବରେ କେତେକ ସ୍ଥାନରେ ରେଳ ଏବଂ ଗମନାଗମନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିଲା । ତେବେ ଜରୁରୀକାଳୀନ ସେବା ଗୁଡ଼ିକୁ ବନ୍ଦରୁ ବାଦ୍ ଦିଆଯାଇଥିଲା ।

ମିଳିଥିବା ସୂଚନା ଅନୁଯାୟୀ ଅପରାହ୍ଣ ପରେ ପଞ୍ଜାବରେ ଟ୍ରାଫିକ୍ ବ୍ୟବସ୍ଥା ସ୍ୱାଭାବିକ ହୋଇଛି । ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ସଂକ୍ରାନ୍ତ ଆଇନଗତ ଗ୍ୟାରେଣ୍ଟି ଦାବିରେ କୃଷକଙ୍କ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା ।

## ହକି

ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ଆଜି ରାତି ୮ଟା ୧୫ ମିନିଟ୍‌ରେ ୟୁପି ରୁଦ୍ରସ ଏବଂ ବେଦାନ୍ତ କଳିଙ୍ଗ ଲ୍ୟାନ୍ସର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଆସନ୍ତାକାଲି ସେହି

ସମୟରେ ଦିଲ୍ଲୀ ଏସ୍.ଜି. ପାଇପର୍ସ୍ ଏବଂ ହାଇଦ୍ରାବାଦ୍ ତୋଫାନ୍ସ ମଧ୍ୟରେ ମୁକାବିଲା ହେବ ।

ଗତକାଲି ରାହ ବେଙ୍ଗଲ ଟାଇଗର୍ସ ୩-୨ ଗୋଲ୍‌ରେ ହାଇଦ୍ରାବାଦର ତୋଫାନ୍ସକୁ ପରାସ୍ତ କରିଥିବାବେଳେ ଅନ୍ୟଏକ ମ୍ୟାଚ୍‌ରେ ସୁରମା ହକି କ୍ଲବ ୪-୧ ସୁଟ୍‌ଆଉଟ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇଥିଲା ।

## ସନ୍ତୋଷ ଟ୍ରଫି ଫୁଟ୍‌ବଲ

ସନ୍ତୋଷ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଟାଇଟଲ୍ ହାସଲ ପାଇଁ ପଶ୍ଚିମବଙ୍ଗ ଏବଂ କେରଳ ମଧ୍ୟରେ ମୁକାବିଲା ହେବ । ଆସନ୍ତାକାଲି ସନ୍ଧ୍ୟା ସାଢ଼େ୭ଟାରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ହାଇଦ୍ରାବାଦର ଜି.ଏମ୍.ସି. ବାଲାଯୋଗୀ ଷ୍ଟାଡିୟମ୍‌ଠାରେ ଗତକାଲିର ପ୍ରଥମ ସେମିଫାଇନାଲ୍‌ରେ ପଶ୍ଚିମବଙ୍ଗ ଗତଥରର ଚମ୍ପିୟାନ୍ ସର୍ଭିସେସ୍‌କୁ ୪-୨ ଗୋଲ୍‌ରେ ପରାସ୍ତ କରିଥିଲା । ଏହି ବିଜୟ ସହ ପଶ୍ଚିମବଙ୍ଗ ୪୭ ଥର ପାଇଁ ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛି । ଟୁର୍ଣ୍ଣାମେଣ୍ଟକୁ ୩୨ ଥର ଜିତିବାର ରେକର୍ଡ ପଶ୍ଚିମବଙ୍ଗ ନାଁରେ ରହିଛି ।

ଦ୍ୱିତୀୟ ସେମିଫାଇନାଲ୍‌ରେ କେରଳ ୫-୧ ଗୋଲ୍‌ରେ ମଣିପୁରକୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି ।